# କଳିଙ୍ଗ ସାଗର

ଉଦଧି ବା ଉଦକ ସାଗର ନାମରେ ସୃଷ୍ଟି ଆରମ୍ଭ କାଳରେ ସମୁଦାୟ ବ୍ରହ୍ମାଣ୍ଡର ନିମ୍ନ ଜଳରାଶିକୁ ବୁଝାଉଥିଲା । ସମୁଦାୟ ନିମ୍ନଭାଗ ନାର ହିଁ ନାର ଥିଲା । ଏପରି ବହୁକଳ୍ପ ବିତିଯିବା ପରେ ଶ୍ୱେତ ବରାହ କଳ୍ପର ପ୍ରଭାବ ପ୍ରକାଶ ପାଇଥିଲା । ଏହି କଳ୍ପରେ ପ୍ରଥମେ ରାଷ୍ଟ୍ର ଧାରଣ ସକାଶେ ମଧୁ କୈଠଭ ଦୈତ୍ୟଙ୍କ ମେଦରୁ ମେଦିନୀ ପ୍ରସ୍ତୁତ ହୋଇ ରହି ଆସିଛି । ମେଦିନୀ ପ୍ରସ୍ତୁତ ହେବା ପରେ ପରେ ମନ୍ୱନ୍ତର ସୃଷ୍ଟି ହୋଇ, ପ୍ରଥମ ମନୁ ସ୍ୱୟମ୍ଭୁବ ମନୁଙ୍କ ପ୍ରକଟ ହୋଇଥିଲା । ରାଷ୍ଟ୍ର ଉତ୍ପତ୍ତି କାଳରୁ ସ୍ୱୟମ୍ଭୁବ ମନୁ ମେଦିନୀ କେନ୍ଦ୍ରରେ (କାଳିଜାଇ) ରହି ୭୧ ଗଣ୍ଡା ଯୁଗ ବା ପ୍ରାୟ ୩୧କୋଟି ବର୍ଷ ଶାସନ କରିଥିଲେ । ସ୍ୱୟମ୍ଭୁବଙ୍କ ଶାସନ ପରେ ପରେ ରାଷ୍ଟ୍ରକୁ ଦୁଇ ଭାଗ କରି ଦୁଇ ପୁଅଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ । ଜ୍ୟେଷ୍ଠ ପୁତ୍ର ପ୍ରିୟବ୍ରତକୁ ରାଷ୍ଟ୍ରର ଦକ୍ଷିଣ ପଶ୍ଚିମରେ ଅଧା ବା ଉତ୍ର କ୍ଷେତ୍ରକୁ ଶାସନକୁ ଦେଇଥିଲେ । ଉତ୍ତର ପୂର୍ବାଞ୍ଚଳକୁ ସାନ ପୁଅ ଉତ୍ତାନପାଦଙ୍କୁ ଶାସନ ଦାୟୀତ୍ୱ ଦେଇଥିଲେ । ରାଜର୍ଷି ପ୍ରିୟବ୍ରତ ନିଜ ରାଷ୍ଟ୍ର ସହିତ ସଂଲଗ୍ନ ସମୁଦ୍ରକୁ ଶାସନରେ ୧୧ ଅର୍ବୁଦ ବା ୧୧୦କୋଟି ବର୍ଷ ଶାସନ କରି କାଳ ସାଥି ଉଦକ ସାଗରକୁ କ୍ଷୀର ସମୁଦ୍ର କହି ବର୍ଣ୍ଣନା କରିଥିଲେ ।

ଶତାବ୍ଦି ଦ୍ୱାଦଶ କାଳେ ପରିବେଶବିତ୍ ପଣ୍ଡିତ ଜୟଦେବ ମନ୍ୱନ୍ତର ପରିବର୍ତ୍ତନକୁ ନେଇ ଅନେକ କଥା ଗୀତଗୋବିନ୍ଦ ମାଧମରେ ସାଧାରଣକୁ ସୂଚନା ଦେଇ ଆସିଛନ୍ତି । ପ୍ରତ୍ୟେକ ମନ୍ୱନ୍ତର ଶେଷରେ ଏକ ବ୍ରହ୍ମ ପ୍ରଳୟର କଥା କହିଛନ୍ତି । ଗୀତଗୋବିନ୍ଦସ୍ଥ ସୂଚନାରେ ଥିବା ବିଷୟ –

ପ୍ରଳୟ ପୟୋଧି ଜଳେ ଧୃତବାନସୀ ବେଦଂ
ବିହିତ ବହିତ୍ର ଚରିତ୍ର ମେ କ୍ଷେଦମ୍ ।
କେଶବ ଧୃତ ମୀନ ଶରୀର ଜୟ ଜଗଦୀଶ ହରେ ।

ଉର୍ଦ୍ଧଗତ ଆକାଶ ମେଘରୁ ହେଉଥିବା ପ୍ରଳୟ ବର୍ଷା ଦ୍ୱାରା ନଷ୍ଟ ହେବାକୁ ଯାଉଥିବା ଚଞ୍ଚଳ କ୍ରମେ ଏହି ମେଦିନୀର ସାରାଂଶ ସ୍ଥଳି ହଠାତ୍ ରକ୍ଷା ପାଇଯାଇଥିଲା । ପ୍ରତ୍ୟେକ ମନ୍ୱନ୍ତରର ପରିବର୍ତ୍ତନ କାଳରେ ଚରିତ୍ର ଏପରି ପ୍ରବାହିତ ହୋଇ ରହି ଆସିଥିବା ଜଣାଯାଏ । ଧାରଣ କରି ରହି ଆସିଥିବା ଏହି ମୀନ ଶରୀର ରୂପକ କ୍ଷେତ୍ର ପୁନଃ ଗ୍ରନ୍ଥ ସାରା ଜଗତରେ ବାସିରହିଥିବ ।

ମେଦନୀ ସୃଷ୍ଟି କାଳରୁ ମନ୍ୱନ୍ତରକୁ ମନ୍ୱନ୍ତର ସଂଯୋଗ କରି ଆସିଛି କେବଳ ପୟୋଧି ଜଳ ପ୍ରଳୟ । ଛଅ ଗୋଟି ମନୁଙ୍କ ମନ୍ୱନ୍ତର ଯଥା – ସ୍ୱୟମ୍ଭୁବ, ସ୍ୱରୋଚିତ, ଉତ୍ତମ, ତାମଷ, ରୈବତ ତଥା ଚାକ୍ଷୁଷ । ବର୍ତ୍ତମାନ କିନ୍ତୁ ପ୍ରଚଳିତ ମନ୍ୱନ୍ତର ପୂର୍ବ ମନ୍ୱନ୍ତର ସହ ସମ୍ପର୍କ ଭଗବାନ ବରାହଙ୍କ ଦ୍ୱାରା ହୋଇଥିବା ଶ୍ରୀମଦ୍ ଭାଗବତ ୩/୧୮/୮ ଶ୍ଳୋକ କହେ ।

ଚାକ୍ଷୁଷ ମନ୍ୱନ୍ତର ପରେ ପରେ ମର୍ତ୍ତ୍ୟ ମଣ୍ଡଳକୁ ନେଇ ହିରଣାକ୍ଷ ପାତାଳରେ ରଖିଥିଲେ । ମର୍ତ୍ତ୍ୟର ଆବଶ୍ୟକତା କାରଣକୁ ନେଇ ସ୍ୱୟଂ ବରାହ ଭଗବାନ୍ ବହୁ କଷ୍ଟ ସ୍ୱୀକାର କରି ଉର୍ଦ୍ଧକୁ ମର୍ତ୍ତ୍ୟକୁ ଆଣି,

ଜଳରେ ଉପରି ଭାଗରେ ବ୍ୟବହାର ଯୋଗ୍ୟ ସ୍ଥାନରେ ରଖି, ମେଦିନୀର ସାମର୍ଥ୍ୟତାକୁ ନେଇ ନିଜର ଆଧାର ଶକ୍ତି ପ୍ରୟୋଗ ବା ସଞ୍ଚାର କରିଥିଲେ । ଯଦ୍ୱାରା ମେଦିନୀ ଯୁକ୍ତ ମର୍ତ୍ତ୍ୟମଣ୍ଡଳ ଗଠନ ହୋଇ ପାରିଥିଲା । ଏହି ଆଧାତ୍ମିକ ପ୍ରକ୍ରିୟାକୁ ଆଧୁନିକ ବୈଜ୍ଞାନିକଙ୍କ ମଧ୍ୟରେ ଥିବା ଗବେଷକ ଧନପତ୍ ରାୟଙ୍କ ରଚିତ Early History of mankind Part-1 ପୃଷ୍ଠା ୪୭ ତଥା ସି.ଓ୍ୱାଇ ବୈଦ୍ୟ ରଚିତ Epic India ପୃ ୨୬୯ ପାଠ କରିବା ଉଚିତ୍ ।

ଭାରତ ରାଷ୍ଟ୍ରର ଉତ୍ତର ପାର୍ଶ୍ୱରେ ତଥାକଥିତ ହିମାଳୟ ପର୍ବତ ସହିତ ବିଭିନ୍ନ ରାଷ୍ଟ୍ରର ରାଷ୍ଟ୍ରିୟତା ସକାଶେ ମର୍ତ୍ତ୍ୟରେ ସ୍ଥାନ ଉତ୍ପତ୍ତି ପରେ ନାମ ନିରୁପଣ କରାଯାଇଥିଲା । ଯେପରି ଆମେରିକା । ଏଠାରେ ପ୍ରକାଶ ଥାଉ କି ମର୍ତ୍ତ୍ୟମଣ୍ଡଳର ସହିତ ହିମାଳୟର ଉତ୍ପତ୍ତି ପ୍ରାୟ ୧୧ କୋଟି ବର୍ଷ ତଳେ ହୋଇ ରହି ଆସିଛି । କିନ୍ତୁ ମେଦିନୀର ସମୟ ଦୈର୍ଘ୍ୟ ଅଟେ ୧୯୬ କୋଟି ବର୍ଷ ପ୍ରାୟ ।

ଗତ ୧୧ କୋଟି ବର୍ଷ ତଳେ ଉତ୍ପତ୍ତି ହୋଇଥିବା ମର୍ତ୍ତ୍ୟ ମଣ୍ଡଳ ପରେ ପରେ ବିଭିନ୍ନ ନାମକୁ ନେଇ ଗିରି, ପର୍ବତ, ନଦ, ନଦୀ ଦେଶ ଇତ୍ୟାଦି ଘଟିଥିଲା । ଏହି କାଳରେ ହିଁ କଳିଙ୍ଗ ସମୁଦ୍ର ନାମ କରଣ ହୋଇ ରହିଆସିଛି । ମର୍ତ୍ତ୍ୟ ସମୁଦାୟ ଜଳସ୍ଥରର ଉର୍ଦ୍ଧଗାମୀ ହେବାପରେ, ଜଳସ୍ଥର ନିମ୍ନଗାମୀ ହୋଇ ସ୍ୱୟଂ ପ୍ରକ୍ରିୟାଶୀଳ ସମୁଦ୍ରଜଳ ହୋଇ ପାରିଥିଲା । ପରିବେଶର ଶୂନ୍ୟତାକୁ ପୂର୍ଣ୍ଣକରିବା ପକ୍ଷରେ ପଞ୍ଚଭୁତ ସମର୍ଥ ନ ଥିଲା । ପରିବେଶରୁ ବିଲୟ ହୋଇ ଯାଇଥିବା ଭୂତ ଗୁଡ଼ିକୁ କିପରି ସଂଗ୍ରହ କରିବା ପ୍ରାଣୀ ବ୍ରହ୍ମାଣ୍ଡ ସକାଶେ କେବଳ ଶ୍ରୀକୃଷ୍ଣ ଜାଣିଥିଲେ । ଏବଂ ମହାଭାରତ ଯୁଦ୍ଧ କାଳରେ ପୂର୍ଣ୍ଣଙ୍ଗ କରିପାରିଥିଲେ । ଏଥକୁ ନେଇ ନିମ୍ନ ସ୍ଥରରେ ରହିଥିବା ଜଳ ମହାଭାରତ ଯୁଦ୍ଧ ହେବା ପରେ ପରେ ଉର୍ଦ୍ଧ୍ୱଗାମୀ ହୋଇ ଅଭାବ ପୂର୍ଣ୍ଣ କରିଛି । ମେଦିନୀ କ୍ଷେତ୍ରକୁ ସମୁଦ୍ର ଜଳ ଯାବୁଡ଼ି ଧରିଥିବା ଯୋଗୁଁ କଳିଙ୍ଗ ନାମରେ ନାମିତ ହୋଇପାରିଛି ।

ବୈବସ୍ୱତ ମନ୍ୱନ୍ତର ଆରମ୍ଭ ବା ୧୧ କୋଟି ବର୍ଷ ପୂର୍ବେ ଶାସନ କାଳଜୟୀ (ମେରୁ) ବା କାଳିଯାଇ କ୍ଷେତ୍ରରେ ଆରମ୍ଭ ହୋଇଥିଲା । ଏଠାରେ ଶାସନ କାଳ ସୂର୍ଯ୍ୟବଂଶୀ ଇକ୍ଷାକୁଙ୍କ ଠାରୁ ରାଜର୍ଷି ଶାବସ୍ତଙ୍କ ପର୍ଯ୍ୟନ୍ତ ପ୍ରଚଳିତ ଥିଲା । ରାଜର୍ଷି ଶାବସ୍ତ କୌଣସୀ କାରଣକୁ ନେଇ ଶାସନ କାର୍ଯ୍ୟାଳୟ ଅଯୋଧ୍ୟାକୁ ପରିବର୍ତ୍ତନ କରିଥିଲେ । ଶାସନ କ୍ଷେତ୍ର ନାମ ଥିଲା ଶାବସ୍ତ ପୁରୀ । ରଘୁବଂଶ ରାମାୟଣ ଆଦିରୁ ସୂଚନା ମିଳେ କଳିଙ୍ଗ ସାଗରର ପ୍ରଶସ୍ତି ଗୋଦାବରୀ ନଦୀ ପର୍ଯ୍ୟନ୍ତ ଉତ୍ତରରୁ ଦକ୍ଷିଣ ଦିଶାକୁ ଥିଲା

ଆଜକୁ ମହାଭାରତ ଯୁଦ୍ଧ ପରେ ପରେ ବା ୧୨୫ ବର୍ଷ ପୂର୍ବରୁ କ୍ଷେତ୍ରଟି କୁରୁଙ୍କର ପୂର୍ବଉତ୍ତରାଞ୍ଚଳ କ୍ଷେତ୍ର ରୂପେ ପରିଚୟ ଥିଲା । ଏହି କ୍ଷେତ୍ରରେ ଅନେକ ବୀରଙ୍କ ରକ୍ତରେ ରଞ୍ଜିତ ଥିଲା । ରକ୍ତର ପ୍ରଭାବରେ ଏଠାରେ ଜନ୍ମିତ ପ୍ରାଣି ଅତ୍ୟନ୍ତ ଦୂର୍ଦ୍ଧଷ ହୋଇ ଜନ୍ମ ଲାଭ କରିବା ସୁଯୋଗ ଥିବା ଶ୍ରୀକୃଷ୍ଣ ଜାଣି ପାରିଥିଲେ । ଏଥକୁ ପ୍ରାୟଶ୍ଚିତ ସକାଶେ ସ୍ୱଧାମ ଗମନ କାଳେ ଯେପରି ଦ୍ୱାରିକାକୁ ସମୁଦ୍ର ଜଳରେ ବୁଡାଇ ଥିଲେ । ସେପରି ରକ୍ତ ରଞ୍ଜିତ ଦୂର୍ଦ୍ଧଶ କୁରୁ କ୍ଷେତ୍ରକୁ ମଧ ସମୁଦ୍ର ଜଳରେ ବୁଡାଇ ଦେଇଥିଲେ ।

ଏଠାରେ ପ୍ରକାଶ ଥାଉକି – ଭାରତ ମହାସାଗରର ଜଳ ଯେକୌଣସି ମାଧମରେ ହେଉ ପଛକେ ଆରବ ସାଗରରେ ପ୍ରବେଶ କରି ଦ୍ୱାରୀକାକୁ ଜଳମଗ୍ନ କରିଥିବା ଯଦି ସମର୍ଥ ତେବେ କୁରୁକ୍ଷେତ୍ରସ୍ଥ ପୂର୍ବାଂଶ ଉତ୍ତରାଂଶକୁ ବା କାଳ ଅଙ୍ଗ କ୍ଷେତ୍ରକୁ କାହିଁକି ଜଳମଗ୍ନ କରିନଥିବ ?

କୁରୁକ୍ଷେତ୍ରର ଏହି ପୂର୍ବଉତ୍ତରାଂଶକୁ ବିଦ୍ୱାନମାନେ କଳିକ୍ଷେତ୍ର ରୂପେ ବର୍ଣ୍ଣନା କରି ଆସିଛନ୍ତି । ଅତୀତ କାଳରୁ ଏହି କ୍ଷେତ୍ରରେ ଅନେକ ଯୁଦ୍ଧ ହୋଇ ଚିହ୍ନମାନ ରହି ଆସିଛି । ଦେବାସୁର ସଂଗ୍ରାମ ବର୍ଷ ବର୍ଷ ଧରି ରହି ଆସିଛି । ଯଥା ବୃତ୍ତାସୁରର ଆକ୍ରମଣରେ ଦେବତା ମାନଙ୍କ ଅବସ୍ଥା ଶୋଚନୀୟ ହୋଇ ପଡିଥିଲା । ମହାମୁନୀ ଦଧିଚୀଙ୍କ ଅସ୍ଥିରେ ବଜ୍ର ନିର୍ମାଣ କରି ବୃତ୍ତାସୁରକୁ ସଂହାର କରିଥିଲେ ।

ଦେବତାମାନଙ୍କ ଦ୍ୱାରା ବୃତ୍ତାସୁରର ହତ ପରେ ପରେ, ବୃତ୍ତାସୁରର ଅନୁଗାମୀ ଦୈତ୍ୟଗଣ କାଳେୟ, ଉତ୍କ୍ଷିପ୍ତ ହୋଇ ରାତ୍ରକାଳେ ହଇରାଣ ହରକତ କରନ୍ତି । ଦିନରେ ସମୁଦ୍ର ମଧରେ ଛପି ରହିଥାନ୍ତି । ଏପରି ବାରମ୍ବାର ତପସ୍ୱୀମାନେ ହଇରାଣ ସମ୍ମୁଖୀନ ହୋଇ ମହାମୂନୀ ଅଗସ୍ତିଙ୍କ ଶରଣାଗତ ହୋଇଥିଲେ । ଅଗସ୍ତି ସାତ ସମୁଦ୍ରକୁ ଚଉଳି କରି ସମୁଦାୟ ଜଳକୁ ସୁଖାଇ ଦେବାପରେ ଦେବତାଙ୍କ ଦ୍ୱାରା ଦୈତ୍ୟଗଣ ହତ ହୋଇଥିଲେ । ଏଥିରୁ ସ୍ପଷ୍ଟ ଜଣାଯାଏ କଳିଙ୍ଗ ସାଗର ମଧ ଦିନେ ଜଳଶୂନ୍ୟ ହୋଇଥିଲା ।

ଯେଉଁ କାଳେ କଳିଙ୍ଗ ସାଗର ଜଳଶୂନ୍ୟ ଥିଲା, ସେକାଳେ କ୍ଷେତ୍ର ସମୁଦାୟରେ ମହାଭାରତ ସଂଗ୍ରାମ ଚାଲିଥିଲା । ଦ୍ରୋଣାଚାର୍ଯ୍ୟଙ୍କ ପୁତ୍ର ଅଶ୍ୱସ୍ଥାମା ବୀର ପାଣ୍ଡବଙ୍କୁ ହତ କରିବା ପାଇଁ ବ୍ରହ୍ମାସ୍ତ୍ର ପ୍ରୟୋଗ କରିଥିଲେ । ସେଥିରୁ ରକ୍ଷା ନିମନ୍ତେ ଅର୍ଜୁନ ମଧ ବ୍ରହ୍ମାସ୍ତ୍ର ପ୍ରୟୋଗ କରିଥିଲେ । ବ୍ରହ୍ମାଣ୍ଡକୁ ବିପତ୍ତିରୁ ରକ୍ଷା କରିବା ପାଇଁ ସ୍ୱୟଂ ବ୍ୟାସଦେବ ଓ ଦେବର୍ଷି ନାରଦ ପ୍ରକଟ ହୋଇ ଉଭୟ ବ୍ରହ୍ମାସ୍ତ୍ର ମଧକୁ ଆସି ଅଟକାଇ ଥିଲେ । ସେ ସମୟକାଳୁ ବ୍ରହ୍ମଗିରି କ୍ଷେତ୍ର ନାମେ କ୍ଷେତ୍ର ବୋଲାଇ ଆସୁଛି ।

ଅତ୍ୟନ୍ତ କାଳରେ ମଧୁକୈଠଭଙ୍କ ଅଙ୍ଗ ସ୍ପର୍ଶ କରି ସାଗର ଆସିଥିବା କାରଣରୁ ସମୁଦ୍ର ନାମ କଳିଙ୍ଗ ସାଗର ଅଟେ । ଅତୀତରୁ ପ୍ରଚଳିତ ହୋଇ ରହି ଆସିଥିବା କଳିଙ୍ଗ ସାଗର ଆଜି ବଙ୍ଗୋପ ସାଗର ବୋଲାଇବା ଅତି ଲଜ୍ଜାକର । କାରଣ ଏହି କ୍ଷୀରାବ୍ଧି ତନୟା ରମା ରୂପେ ଜନ୍ମିତ ତଥା କଳିଙ୍ଗ ସାଗରର ଚାରି ଦିଗେ ବ୍ରହ୍ମାବର୍ତ୍ତ, ବ୍ରହ୍ମଦେଶ, ବ୍ରହ୍ମଗିରି ଓ ବ୍ରହ୍ମପୁର ଘେରି ରହିଛି । ଏ ସମସ୍ତ ବ୍ରହ୍ମ ସଜ୍ଞକ ସ୍ଥାନ ଅତୀତ କାଳରୁ ରହି ଆସିଛି ।

ଶ୍ରୀ ବେଙ୍କଟ ବିହାରୀ ପ୍ରହରାଜ
ଋଷିକୂଲ୍ୟା ସରସ୍ୱତୀ ଗବେଷକ
ହିଲପାଟଣା, ବ୍ରହ୍ମପୁର
ମୋ- ୮୭୬୩୬୦୨୪୨୦